ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.163 Bhubaneswar Friday August 04 2023 | ୨୬ତମ ବର୍ଷ ସଂଖ୍ୟା-୧୬୩ ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୪, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) | Member-INS

# ରାଜ୍ୟରେ ବନ୍ୟା ପରିସ୍ଥିତି: ୧୫ ଜିଲ୍ଲାର ୧.୨୦ଲକ୍ଷ ପ୍ରଭାବିତ, ୬୮୩୪ଜଣଙ୍କୁ ସ୍ଥାନାନ୍ତର

ଭୁବନେଶ୍ୱର,୩।୮(ପି.ଏନ): ଲଗାଣ ବର୍ଷା ପ୍ରଭାବରେ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏବେସୁଦ୍ଧା ରାଜ୍ୟରେ ୧୫ଟି ଜିଲ୍ଲାର ୯୦ଟି ବ୍ଲକର ୬୭୨ଟି ଗାଁ ଓ ୧୭ଟି ପୌରାଂଚଳର ୬୭ଟି ୱାର୍ଡ ପ୍ରଭାବିତ ହୋଇଛି । ୬୮୩୪ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ମୋଟ ୧.୨୦ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ଏହି ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି । ବୈତରଣୀ ଓ ଜଳକା ନଦୀରେ ଜଳସ୍ତର ହ୍ରାସ ପାଉଥିଲେ ମଧ୍ୟ ମହାନଦୀର ତଳମୁଣ୍ଡରେ ଜଳସ୍ତର ବଢ଼ିବାରେ ଲାଗିଛି । ଏଥିଯୋଗୁ କଟକ,ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର ଜିଲ୍ଲାର ତଳ ଅଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ବ୍ରାହ୍ମଣୀ ନଦୀର ଜଳସ୍ତର ବିପଦସଙ୍କେତ ଉର୍ଦ୍ଧ୍ୱରେ ଜେନାପୁର ଠାରେ ପ୍ରବାହିତ ହେଉଛି । କାଣୀ ନଦୀରେ ବନ୍ଧ ଭାଙ୍ଗିଛି ଓ ଅନ୍ୟ କେଉଁଠି ବନ୍ଧ ଭାଙ୍ଗିବାର ସୂଚନା ମିଳିନି । ଆଜି ରାଜ୍ୟରେ ବନ୍ୟା ପରିସ୍ଥିତି ଉପରେ ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ ଏକ ଉଚ୍ଚସ୍ତରୀୟ ସମୀକ୍ଷା



ବୈଠକ କରିଥିଲେ । ସନ୍ଧ୍ୟା ୬ଟା ସୁଦ୍ଧା ରାଜ୍ୟରେ ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେଇ ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ପ୍ରାଥମିକ ସୂଚନା ଅନୁସାରେ ପ୍ରବଳ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁ ୧୫ଟି ଜିଲ୍ଲାର ମୋଟ ୧.୨୦ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ୬୮୩୪ଜଣଙ୍କୁ ସ୍ଥାନାନ୍ତର କରାଯାଇଛି ଓ ସେମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ସହ ପିଇବା ପାଣି ମଧ୍ୟ ଯୋଗାଇ ଦିଆଯାଉଛି । ୧୩୬ଟି ରନ୍ଧା ଖାଦ୍ୟ କେନ୍ଦ୍ର ଖୋଲା ଯାଇଛି । ମହାନଦୀ ଅବବାହିକାରେ ଖଇରମାଳଠାରେ ୪.୭୨ଲକ୍ଷ କ୍ୟୁସେକ, ବରମୂଳଠାରେ ୭.୮୬ଲକ୍ଷ କ୍ୟୁସେକ ଓ ମୁଣ୍ଡୁଳିଠାରେ ୯.୧୮ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି । ଖଇରମାଳ ଓ ବରମୂଳଠାରେ ଜଳ ପ୍ରବାହ କମିବାରେ ଲାଗିଛି । ଅପରାହ୍ନ ୫ଟାଠାରେ ମୁଣ୍ଡୁଳିଠାରେ ମହାନଦୀରେ ୯.୧୮ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଥିବାବେଳେ ଅପରାହ୍ନ ୪ଟାରୁ ଜଳସ୍ତର ସ୍ଥିର ରହିଛି । ତେବେ ନରାଜଠାରେ ମହାନଦୀର ଜଳସ୍ତର ବୃଦ୍ଧି ପାଉଥିବା ଯୋଗୁ କଟକ,ପୁରୀ,ଜଗତସିଂହପୁର,କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଜିଲ୍ଲାର ତଳିଆ ଅଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । ଏସବୁ ଜିଲ୍ଲାର ଜିଲ୍ଲା ପ୍ରଶାସନ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ।ସେହିପରି ବ୍ରାହ୍ମଣୀ ନଦୀର ଜଳସ୍ତର ବିପଦ ସଙ୍କ ?ତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ଜେନାପୁରଠାରେ ବ୍ରାହ୍ମଣୀ ନଦୀର ଜଳସ୍ତର ୨୩ମିଟର ଥିବାବେଳେ ଅପରାହ୍ନ ୪ଟାରୁ ଏହି ଜଳସ୍ତର ୨୨.୨୦ମିଟରରେ ସ୍ଥିର ରହିଛି । ଅପରାହ୍ନ ୩ଟା ସୁଦ୍ଧା ବାଲେଶ୍ୱରର ମଥାନିସ୍ଥିତ ଜଳକା ନଦୀର ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଅନ୍ୟପକ୍ଷରେ ବୈତରଣୀ ନଦୀରେ ଜଳସ୍ତର ଆଖୁଆପଦାଠାରେ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି । ଏଠାରେ ବିପଦ ସଙ୍କ ?ତ ୧୭.୮୩ ମିଟର ଥିବାବେଳେ ୧୯.୪୪ ମିଟରରେ ପ୍ରବାହିତ ହେଉଛି ଓ ଏହା କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ସେହିପରି ଆନନ୍ଦପୁରଠାରେ ମଧ୍ୟ ଜଳସ୍ତର କମିବାରେ ଲାଗିଛି । ଭଦ୍ରକ ଓ ଯାଜପୁର ଜିଲ୍ଲା ପ୍ରଶାସନ ସ୍ଥିତି ଉପରେ ନଜର ରଖିଥିବା ଏସଆରସିଙ୍କ କାର୍ଯ୍ୟାଳୟ କହିଛି । ରାଜ୍ୟରେ ଜରୁରୀକାଳୀନ ଅପରେସନ୍ ସେଂଟର ଖୋଲାଯାଇ ସ୍ଥିତି ଉପରେ ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଉଛି ।



ରାଜ୍ୟସଭା ସାଂସଦ ନିରଜ ଡାଙ୍ଗି ନୂଆଦିଲ୍ଲୀସ୍ଥିତ ହିମାଚଳ ସଦନରେ ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ସୁଖୁବିନ୍ଦର ସିଂ ସୁଖୁ ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ରଘୁବିର ସିଂ ବାଲିଙ୍କୁ ସୌଜନମୂଳକ ସାକ୍ଷାତକରିବା ଅବସରରେ

## ୟୁଜି ଓ ପିଜି ନାମଲେଖା ତାରିଖ ଘୁଂଚିଲା

ଭୁବନେଶ୍ୱର, ୩।୮(ପି.ଏନ): ସଂପ୍ରତି ରାଜ୍ୟର କେତେକ ଭାଗରେ ବର୍ଷାଜନିତ ଖରାପ ପାଣିପାଗ ଯୋଗୁଁ ଦେଖାଦେଇଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୟୁ.ଜି. ଓ ପି.ଜି. ନାମଲେଖା ତାରିଖରେ ପରିବର୍ତ୍ତନ କରାଯାଇଛି । ୟୁ.ଜି. ନାମଲେଖା ଓ ଆବେଦନ କାରୀଙ୍କ ରିପୋର୍ଟିଂ (ଦ୍ୱିତୀୟ ପର୍ଯ୍ୟାୟ ଚୟନ) ଏବଂ ପି.ଜି.(ପ୍ରଥମ ପର୍ଯ୍ୟାୟ ଚୟନ)କୁ ଆଗାମୀ ୫ ତାରିଖ ଶନିବାରକୁ ଘୁଂଚାଇ ଦିଆଯାଇଛି ବୋଲି ଉଚ୍ଚଶିକ୍ଷା ବିଭାଗ ଉପ ନିର୍ଦ୍ଦେଶକ ଜଣାଇଛନ୍ତି ।

## ତଳମୁଣ୍ଡରୁ ପାଣି ନକମିବା ଯାଏଁ ଖୋଲିବନି ହୀରାକୁଦର ଅଧିକ ଗେଟ୍

ଭୁବନେଶ୍ୱର, ୩।୮(ପି.ଏନ):- ଏବେ ଖୋଲାଯିବନି ହୀରାକୁଦର ଅଧିକ ଗେଟ୍ । ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଂଜନ ମହାନ୍ତି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ତଳମୁଣ୍ଡରୁ ପାଣି ନକମିବା ଯାଏଁ ହୀରାକୁଦର ଅଧିକ ଗେଟ୍ ଖୋଲିବନି । ହୀରାକୁଦ ଉପର ମୁଣ୍ଡରେ ଛତିଶଗଡ଼ରେ ପ୍ରବଳ ବର୍ଷା ହୋଇଛି । ହୀରାକୁଦ ଜଳସ୍ତର ଏବେ ୬୧୦ ଫୁଟ ଅଛି, ରାଇଜିଂ ଟ୍ରେଣ୍ଡ ରହିଛି । କିନ୍ତୁ ଆଉ ହୀରାକୁଦ ଗେଟ୍ ଏବେ ନଖୋଲିବାକୁ ନିଷ୍ପତି ନେଇଛୁ । ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବର୍ତ୍ତମାନ ହୀରାକୁଦ ଜଳ ଭଣ୍ଡାରର ଜଳସ୍ତର ୬୧୧.୨୧ ଫୁଟ୍ ରହିଛି । ଡ୍ୟାମ୍ ମଧ୍ୟକୁ ୨.୮୧ ଲକ୍ଷ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୦.୫୭ ଲକ୍ଷ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ସେହିପରି ମୁଣ୍ଡଳି ଠାରେ ୯.୨୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି ।

# କାଲି ଓଡିଶା ଆସିବେ ଗୃହମନ୍ତ୍ରୀ ଅମିତ ଶାହା ! ଦୁଇ ଦିନିଆ ଗସ୍ତରେ ଆସୁଥିବା ନେଇ ସୂଚନା

ଭୁବନେଶ୍ୱର,୩।୮(ପି.ଏନ): ଆସନ୍ତାକାଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓଡିଶା ଗସ୍ତରେ ଆସୁଥିବା ସୂଚନା ମିଳିଛି । କେନ୍ଦ୍ର ଗୃହମନ୍ତ୍ରୀ ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ବୋଲି କୁହାଯାଇଛି । ଓଡିଶା ଗସ୍ତରେ



ଆସି ସରକାରଙ୍କର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି ଅମିତ ଶାହା । ତେବେ ଏ ନେଇ ସରକାରଙ୍କ ତରଫରୁ ସ୍ପଷ୍ଟ ସୂଚନା ମିଳି ନଥିବା ବେଳେ ତାଙ୍କର ଓଡିଶା ଆସିବାର ସମ୍ଭାବନା ରହିଛି ବୋଲି କୁହାଯାଉଛି ।

## କୋଇଲା ଭାଟିରୁ ମିଳିଲା କିଶୋରୀଙ୍କ ଦଗ୍ଧ ମୃତଦେହ, ଦୁଷ୍କର୍ମ ପରେ ହତ୍ୟା ଆଶଙ୍କା



ରାଜସ୍ଥାନର ଭିଲୱାରା ଜିଲ୍ଲାରେ ଘଟିଛି ଦୁଃଖଦ ଘଟଣା। ଜଣେ କିଶୋରଙ୍କ ଦଗ୍ଧ ମୃତଦେହ ଗୋଟିଏ କୋଇଲା ଭାଟିରୁ ମିଳିଛି। ଭାଟି ନିକଟରୁ ତାଙ୍କ ଦଗ୍ଧ ମୃତଦେହର କିଛି ଅଂଶ, ଚପଲ ଓ ବ୍ରେସଲେଟ୍ ମିଳିବା ପରେ ହଇଚଇ ସୃଷ୍ଟି ହୋଇଛି।ପୁଲିସ୍ କହିଛି ଯେ ବୁଧବାର ସକାଳେ କିଶୋରୀ ଜଣଙ୍କ ତାଙ୍କ ମା'ଙ୍କ ସହ ମେଣ୍ଢା ଚରାଇବାକୁ ଯାଇଥିଲେ। ମଧ୍ୟାହ୍ନ ସମୟରେ ମା' ଘରକୁ ଫେରିଥିଲେ। ଝିଅ ଆଉ କିଛି ସମୟ ପରେ ଆସିବ ବୋଲି ସେ ଭାବିଥିଲେ। କିନ୍ତୁ ମଧ୍ୟାହ୍ନ ଯାଇ ଅପରାହ୍ନ ହୋଇଥିଲେ ହେଁ ଝିଅ ଆଉ ଘରକୁ ଫେରି ନଥିଲେ।

# ସମର୍ଥନ ଦେଇ ହରଡଘଣାରେ ବିଜେଡି, ଆକ୍ରୋଶ ଓ ଅସନ୍ତୋଷ ଏଡାଇବାକୁ ରଖିଲା ସ୍ପଷ୍ଟୀକରଣ

ଭୁବନେଶ୍ୱର,୩।୮(ପି.ଏନ): ଦିଲ୍ଲୀ ସର୍ଭିସ ବିଲକୁ ସମର୍ଥନ ଦେଇ ବିଜେଡି ଏବେ ହରଡଘଣାରେ । ଜାତୀୟସ୍ତରରେ ବିଜେଡିକୁ ତୀବ୍ର ସମାଲୋଚନା ହେଉଥିବାବେଳେ ଦଳ ଭିତରେ ବି ଚାପା ଅସନ୍ତୋଷ ବଢ଼ିବାରେ ଲାଗିଛି । ରାଜ୍ୟରେ ବିଜେପି ବିରୁଦ୍ଧରେ ବିଜେଡି ଲ??ଇ କରୁଥିବାବେଳେ ଦିଲ୍ଲୀ ବିଲ୍ ଓ ଅନାସ୍ଥା ପ୍ରସ୍ତାବ ଉପରେ ବିଜେପି ନେତୃତ୍ୱାଧୀନ ଏନଡିଏକୁ ଏଭଳି ଅଯାଚିତ ସମର୍ଥନ ଯୋଗୁ ବିଜେଡିର ନେତା ଓ ସମର୍ଥକମାନଙ୍କ ଚାପା ଅସନ୍ତୋଷ ଦେଖାଦେଇଛି । ଯେଉଁଥିପାଇଁ ଦଳ ପକ୍ଷରୁ ଆଜି ସ୍ପଷ୍ଟୀକରଣ ଦିଆଯାଇଥିବା ଜଣାପଡିଛି । ଲୋକସଭାରେ ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ର କହିଛନ୍ତି ଯେ, ଦିଲ୍ଲୀ ବିଲକୁ ସାମ୍ବିଧାନିକ ଦୃଷ୍ଟିକୋଣରୁ ବିଜେଡି ସମର୍ଥନ କରିଛି । ଏହା ବିଜେପିକୁ ସମର୍ଥନ ନୁହେଁ ବରଂ ଏକ ବିଲକୁ କାର୍ଯ୍ୟକାରୀ କରିବା ପାଇଁ ସଂସଦର କ୍ଷମତାକୁ ବିଜେଡି ସମର୍ଥନ ଦେଇଛି । ସମ୍ବିଧାନର ଧାରା ୨୩୯(କକ)ରେ ସଂସଦକୁ ଦିଲ୍ଲୀ ମାମଲାରେ ଆଇନ ପ୍ରଣୟନ କରିବାର କ୍ଷମତା ମିଳିଛି । ତେଣୁ



ବିଜେପିକୁ ତାଙ୍କ ଦଳ ଖୋଲା ସମର୍ଥନ କରୁନି । ରାଜ୍ୟରେ ବିଜେପି ହିଁ ବିଜେଡିର ପ୍ରମୁଖ ବିରୋଧୀ । ଓଡିଶାରେ କଂଗ୍ରେସ ସମ୍ପୂର୍ଣ୍ଣ ମୂଳପୋଛ ହୋଇଗଲାଣି । କଂଗ୍ରେସ ଓ ବିଜେପିଠାରୁ ସମଦୂରତ୍ୱ ନୀତିରେ ବିଜେଡି କାଏମ ରହିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

# ନେହରୁଙ୍କୁ ପ୍ରଶଂସା କଲେ ଅମିତ ଶାହ, କଟାକ୍ଷ କରି ଦିନ କି ରାତି ବୋଲି ପ୍ରଶ୍ନ କଲେ କଂଗ୍ରେସ ସାଂସଦ

ନୂଆଦିଲ୍ଲୀ,୩।୮(ପି.ଏନ): ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ କଂଗ୍ରେସ ସାଂସଦ ଅଧୀର ରଞ୍ଜନ ଚୌଧୁରୀଙ୍କ ମଧ୍ୟରେ ଆଜି ଜବାହରଲାଲ ନେହରୁଙ୍କୁ ନେଇ ବେଶ କୌତହଳପୂର୍ଣ୍ଣ ବାକଯୁଦ୍ଧ ଦେଖିବାକୁ ମିଳିଛି । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କୁ ଲୋକସଭାରେ ଅମିତ ଶାହ ବାରମ୍ବାର ପ୍ରଶଂସା କରୁଥିବା ଶୁଣି ଆଜି ଦିନ କି ରାତି ସେ ଜାଣି ପାରୁ ନଥିବା ଅଧୀର ରଞ୍ଜନ ଚୌଧୁରୀ କଟାକ୍ଷ କରି କହିଛନ୍ତି ।ବିଜେପି ସବୁବେଳେ ନେହରୁଙ୍କ କଥା କହି କଂଗ୍ରେସକୁ ଟାର୍ଗେଟ କରିଥାଏ । ଦେଶରେ ସୃଷ୍ଟି ହେଉଥିବା ସମସ୍ୟା ପାଇଁ ନେହରୁଙ୍କ




ନୀତି ଦାୟୀ ବୋଲି ବିଜେପି ନେତାମାନେ କଥା ଛଳରେ କୁହନ୍ତି । କିନ୍ତୁ ଆଜି ଦିଲ୍ଲୀ ବିଲ ସପକ୍ଷରେ ମତ ରଖିବା ବେଳେ ଅମିତ ଶାହ ଲୋକସଭାରେ ନେହରୁଙ୍କ କଥା ଉଠାଇ ଥିଲେ । ସେ ବାରମ୍ବାର ପଣ୍ଡିତ ନେହରୁଙ୍କ ନାଁ ଉଚ୍ଚାରଣ କରିଥିଲେ । ଏହା ଶୁଣି ଅଧୀର ରଞ୍ଜନ ଚୌଧୁରୀ ସ୍ମିତ ହାସ୍ୟ ଦେବା ସହ ନିଜ ଆସନରେ ଛିଡା ହୋଇ ନିଜ କାନକୁ ବିଶ୍ୱାସ କରି ପାରୁ ନଥିବା କହିଥିଲେ ।

# ରାଜଧାନୀର ଲୋକଙ୍କ ପାଇଁ ଖୁସି ଖବର : ଆଜିଠୁ ଖୋଲିଲା ମାର୍କେଟ ବିଲଡିଂ, ବଢିବ ଗ୍ରାହଙ୍କ ଗହଳି

ଭୁବନେଶ୍ୱର,୩।୮(ପି.ଏନ) : ମାର୍କେଟ ବିଲଡିଂ ଉପରେ ଅନେକ ଲୋକ ନିର୍ଭର ହୋଇଥାନ୍ତି । ବିଏମସି ଏବଂ ମାର୍କେଟ ବିଲଡିଂ ବ୍ୟବସାୟୀଙ୍କ ମଧ୍ୟରେ ୧୮ ଦିନ ଧରି ଲାଗି ରହିଥିବା ବିବାଦ ଆଜି ଥମିଛି । ଏନେଇ ଆଜି ଖୋଲିବ ମାର୍କେଟ ବିଲଡିଂ ଏବଂ ସ୍ୱଭାବିକ ହେବ କିଣାବିକା । ବିଏମସି ଓ ସଂଘ ମଧ୍ୟରେ ଆପୋଷ ସମାଧାନ ହେବା ସୁନିଶ୍ଚିତ ହୋଇଛି । ଅନ୍ୟପଟେ ବିଏମସି ପକ୍ଷରୁ ଉଠା ଦୋକାନୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି ।ବିଏମସି ଦପ୍ତର ପରିସରରେ ଆଜି ସନ୍ଧ୍ୟାରେ ବୈଠକ ଡକାଯାଇଥିଲେ । ସେହି ବୈଠକରେ ବ୍ୟବସାୟୀଙ୍କୁ ଏକ ଚୁକ୍ତି ପତ୍ର ପ୍ରଦାନ କରାଯାଇଥାନ୍ତା । କିନ୍ତୁ ବର୍ଷା ପାଇଁ ବୈଠକକୁ ବାତିଲ




କରାଯାଇଥିଲା । ଚୁକ୍ତି ମୁତାବକ ମାର୍କେଟ ବିଲଡିଂ ସଂଘ ମାର୍କେଟରେ ପୂରା ରକ୍ଷଣବେକ୍ଷଣ କରିବ । ଏନେଇ ପୂର୍ବରୁ ସଂଘ ପକ୍ଷରୁ ପିପିପି ମୋଡରେ ସୌନ୍ଦର୍ଯ୍ୟକରଣ କରାଯାଇଛି । କିନ୍ତୁ ଉଠା ଦୋକାନୀ ଯୋଗୁଁ ଏହି ସବୁ ନଷ୍ଟ ହୋଇଯାଇଥିଲା । ତେଣୁ ସେମାନଙ୍କୁ ହଟାଇବା ଦାବିରେ ପ୍ରାୟ ୧୮ଦିନ ହେବ ମାର୍କେଟ ବିଲଡିଂ ବନ୍ଦ ଥିଲା ।ଏହି ପ୍ରସଙ୍ଗରେ ବାରମ୍ବାର ବିଏମ୍?ସି ସହ ଆଲୋଚନା ହୋଇଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ । ହେଲେ ଆଜିଠୁ ମାର୍କେଟ୍ ବିଲ୍?ଡିଂ ଖୋଲିଥିବା ବେଳେ ସୋ' ରୁମ୍ ଗୁଡିକ ଖୋଲାଯାଇନାହିଁ ।

# ରୋଗୀଙ୍କ ଖାଦ୍ୟ ଅନୁଦାନରେ ୩୦ ପ୍ରତିଶତ ବୃଦ୍ଧିକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର, ୩।୮(ପି.ଏନ): ରୋଗୀ ସେବା ପ୍ରଦାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସରକାରୀ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତି ହେଉଥିବା ଇନଡୋର ରୋଗୀଙ୍କ ପାଇଁ ଦିଆଯାଉଥିବା ଖାଦ୍ୟ ଅନୁଦାନରେ ୩୦ ପ୍ରତିଶତ ବୃଦ୍ଧିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ବାର୍ଷିକ ୬୪ କୋଟି ଟଙ୍କା ଖର୍ଚ୍ଚ ହେବ ଓ ଉପକୃତ ହେବେ ୪୨ ଲକ୍ଷରୁ ଅଧିକ ରୋଗୀ । ନିଆଯାଇଥିବା ନୂଆ ନିଷ୍ପତି ଅନୁଯାୟୀ ଡାକ୍ତରଖାନା ମାନଙ୍କରେ ଶଯ୍ୟା ପିଛା ଦିଆଯାଉଥିବା ସାଧାରଣ ଦୈନିକ ଖାଦ୍ୟ ବାବଦକୁ ୮୫ ଟଙ୍କା ବଦଳରେ ୧୧୦ ଟଙ୍କା, ଶିଶୁମାନଙ୍କ ପାଇଁ ଦିଆଯାଉଥିବା ଦୈନିକ ୭୫ ଟଙ୍କାରୁ ୯୫ ଟଙ୍କା, ଉଚ୍ଚ ପୁଷ୍ଟିସାରଯୁକ୍ତ ଖାଦ୍ୟ ପାଇଁ ଦିଆଯାଉଥିବା ଦୈନିକ ୯୫ ଟଙ୍କାରୁ ୧୨୦ ଟଙ୍କା, ଶୁଖିଲା ଖାଦ୍ୟ ପାଇଁ ଦିଆଯାଉଥିବା ଦୈନିକ ୭୫ ଟଙ୍କାରୁ ୯୫ ଟଙ୍କା ଏବଂ ତରଳ ଖାଦ୍ୟ ବାବଦକୁ ଦିଆଯାଉଥିବା ଦୈନିକ ୮୫ ଟଙ୍କାରୁ ୧୧୦ ଟଙ୍କାକୁ ବୃଦ୍ଧି କରାଯାଇଛି ।ସୂଚନାଯୋଗ୍ୟ ଯେ, ରାଜ୍ୟର ୬୧୮ଟି ସରକାରୀ ଡାକ୍ତରଖାନାରେ ଏହି ବର୍ଦ୍ଧିତ ମୂଲ୍ୟରେ ଖାଦ୍ୟ ଯୋଗାଇ ଦିଆଯିବ ।ଓଡିଶା ସରକାର ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଅନେକ ଗୁଡିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଲକ୍ଷ୍ୟ ହାସଲ ତଥା ଚିକିତ୍ସା ନିମନ୍ତେ ବ୍ୟକ୍ତିଗତ ଖର୍ଚ୍ଚକୁ ହ୍ରାସ କରିବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ, ନିଦାନ ଜରିଆରେ ମାଗଣା ରୋଗ ଚିହ୍ନଟ ନିମନ୍ତେ ପରୀକ୍ଷା, ନିରାମୟ ଜରିଆରେ ମାଗଣା ଔଷଧ ପ୍ରଦାନ, ସହାୟ ଜରିଆରେ ମାଗଣା ଡାଇଲିସିସ୍ ସେବା, ମାଗଣା ରକ୍ତସେବା, ମାଗଣା ଆମ୍ବୁଲାନ୍ସ ସେବା ଇତ୍ୟାଦି ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାରେ ଯୋଗାଇ ଦିଆଯାଉଛି ।

# ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ବିରୁଦ୍ଧରେ ନ୍ୟାୟାଳୟର ଆଶ୍ରୟ ନେବ କଂଗ୍ରେସ

ଭୁବନେଶ୍ୱର, ୩।୮(ପି.ଏନ): ସଂପ୍ରତି ଓଡ଼ିଶା ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା ନାମରେ ଯେଉଁ ଯୋଜନା ଆଣିଛନ୍ତି ତାହା ସମ୍ବିଧାନ ବିରୋଧି, ପଂଚାୟତ ପ୍ରତିନିଧି ମାନଙ୍କ ପ୍ରତି ଉପହାସ ଓ ପଂଚାୟତ ବ୍ୟବସ୍ଥା ଉପରେ କୁଠାରଘାତ ବୋଲି ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ପ୍ରବକ୍ତା ତଥା ରାଜୀବ ଗାନ୍ଧୀ ପଂଚାୟତ ରାଜ ସଂଗଠନର ଅଧ୍ୟକ୍ଷ ସୁଦର୍ଶନ ଦାସ କହିଛନ୍ତି । ଏହା ବିରୁଦ୍ଧରେ ବିଚାରାଳୟର ଆଶ୍ରୟ ନେବା ସହିତ ପଂଚାୟତ ପ୍ରତିନିଧି ମାନଙ୍କ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ମାଧ୍ୟମରେ ଏହା ବିରୁଦ୍ଧରେ ଜନମତ ସୃଷ୍ଟି ପାଇଁ ପ୍ରୟାସ କରାଯିବ । ଆସନ୍ତା ଅଗଷ୍ଟ ୨୦ ତାରିଖ ରାଜୀବ ଗାନ୍ଧୀଙ୍କ ଜନ୍ମଜୟନ୍ତୀ ଅବସରରେ ଏକ ରାଜ୍ୟସ୍ତରୀୟ ପଂଚାୟତ ପ୍ରତିନିଧି ସମ୍ମିଳନୀ ଆୟୋଜିତ ହେବ ।ସେ କହିଛନ୍ତି ଗ୍ରାମ ସଭାର ବିନା ସୁପାରିଶ ଓ ଅନୁମୋଦନରେ ପଂଚାୟତରେ କୌଣସି କାର୍ଯ୍ୟ ହୋଇ ପାରିବ ନାହିଁ ବୋଲି ସମ୍ବିଧାନ କହିଛି । ତୃଣମୂଳ ସ୍ତରରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ପଂଚାୟତ ବ୍ୟବସ୍ଥାରେ ଫଣ୍ଡ, ଫଙ୍କସନ ଓ ଫଙ୍କସ୍ନାରୀ ବା ଅର୍ଥ, କାର୍ଯ୍ୟକ୍ରମ ଓ କାର୍ଯ୍ୟକର୍ତା ଉପରେ ଗୁରୁତ୍ୱ ସମ୍ବିଧାନ ଦେଇଛି । ମାତ୍ର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଗ୍ରାମ ସଭା, ପଂଚାୟତ ପ୍ରତିନିଧି ଓ ପଂଚାୟତ ବ୍ୟବସ୍ଥାକୁ ଆଦୌ ଗୁରୁତ୍ୱ ଦିଆଯାଇ ନାହିଁ କିମ୍ବା ଏ ବିଷୟରେ ଗାଇଡଲାଇନରେ କୌଣସି ଯାଗରେ ଉଲ୍ଲେଖ କରାଯାଇ ନାହିଁ । ଏହା ସମ୍ବିଧାନ ପ୍ରତି ଉପହାସ ବୋଲି ରାଜୀବ ଗାନ୍ଧୀ ପଂଚାୟତ ରାଜ ସଂଗଠନର ରାଜ୍ୟ ପ୍ରଭାରୀ ତଥା ଜାତୀୟ ଆବାହକ କୁନାଲ ବାର୍ନାଜୀ ଅଭିଯୋଗ କରିଛନ୍ତି । ପ୍ରତି ପଂଚାୟତକୁ ୫୦ଲକ୍ଷ ଟଙ୍କାର ଅନୁଦାନ ଦିଆଯିବ ବୋଲି ଯୋଜନାରେ ଉଲ୍ଲେଖ ଅଛି । ଏଥିରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହିତ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି କୁହାଯାଇଛି । ମାତ୍ର ଏହାକୁ କାର୍ଯ୍ୟକାରି କରିବା କ୍ଷେତ୍ରରେ ପଂଚାୟତି ରାଜ ସଂସ୍ଥା ଓ ପଂଚାୟତ ପ୍ରତିନିଧି ମାନଙ୍କୁ ସଂଶ୍ଳିଷ୍ଟ କରାନଯିବା ପଂଚାୟତ ପ୍ରତିନିଧି ମାନଙ୍କ ପ୍ରତି ଉପହାସ । ଯେଉଁ ସରପଂଚ ମାନଙ୍କୁ କରୋନା ସମୟରେ ମୁଖ୍ୟମନ୍ତ୍ରୀ କଲେକ୍ଟର ବନେଇଥିଲେ ସେମାନେ ଏବେ ତାଙ୍କ ପଂଚାୟତରେ ରୂପାୟନ ହେବାକୁ ଥିବା ଯୋଜନାରେ ଭାଗିଦାର ହେବାର ସୁଯୋଗ ନପାଇବା ଦୁର୍ଭାଗ୍ୟଜନକ । ଯୋଜନାର ଗାଇଡଲାଇନ ମୁତାବକ ପଂଚାୟତ ସମିତି ପ୍ରକଳ୍ପ ଗୁଡ଼ିକର ରୂପାୟନ କରିବେ ବୋଲି ଉଲ୍ଲେଖ ଥିଲେ ମଧ୍ୟ ଏସବୁ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବ ଏବଂ ଏହାର ଚୂଡ଼ାନ୍ତ ନିଷ୍ପତି ଜିଲ୍ଲାପାଳମାନେ ନେବେ ବୋଲି ନିର୍ଦ୍ଦେଶ ରହିଛି । ଅର୍ଥାତ ଏଠାରେ ତ୍ରିସ୍ତରୀୟ ପଂଚାୟତ ବ୍ୟବସ୍ଥା ପ୍ରତି ଉପହାସ କରାଯାଇଛି ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ସଂଗଠନ ତରଫରୁ ଅଭିଯୋଗ କରାଯାଇଛି । ଏହା ବିରୁଦ୍ଧରେ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହେବ ରାଜୀବ ଗାନ୍ଧୀ ପଂଚାୟତ ରାଜ ସଂଗଠନ । ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ବିସ୍ମୟ ମହାପାତ୍ର ଓ ନିରଦ ବରଣ ଖୁଂଟିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ମୁଣ୍ଡଳିରେ ଚାଲିଛି ପିକ୍ ଫ୍ଲୋ




କଟକ,୩।୮(ପି.ଏନ): କଟକର ମୁଣ୍ଡଳିଠାରେ ଏବେ ମହାନଦୀରେ ସେକେଣ୍ଡ ପ୍ରତି ୯ ଲକ୍ଷ ୨୦ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି । ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏହି ସୂଚନା ଦେଇଛନ୍ତି । ତାଙ୍କ ସୂଚନା ଅନୁଯାୟୀ, ଏବେ ମହାନଦୀର ମୁଣ୍ଡଳିଠାରେ ସର୍ବାଧିକ ଜଳପ୍ରବାହ ଚାଲିଛି । ମୁଣ୍ଡଳିରେ ଏହି ପିକ୍ ୮ ଘଣ୍ଟା ପର୍ଯ୍ୟନ୍ତ ଚାଲିବ, ତା ପରେ ଖସିବ । ମୁଣ୍ଡଳିରେ ଏବେର ପିକ୍ ଫ୍ଲୋ କାଲି ଅପରାହ୍ନରେ ତଳମୁଣ୍ଡ ଛୁଇଁବ । ଜଗତସିଂହପୁର, କେନ୍ଦ୍ରାପଡା, ପୁରୀରେ କାଲି ଅପରାହ୍ନରେ ହେବ ପିକ୍ ଫ୍ଲୋ । କାଲି ସକାଳେ ମୁଣ୍ଡଳିରେ ବନ୍ୟାଜଳ ପ୍ରବାହ ହ୍ରାସ ପାଇବ ।








# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ




ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମ୍ବା କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବୁକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ଅତିରିକ୍ତ ଜିଲ୍ଲାପାଳଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ନବରଙ୍ଗପୁର,(ପି.ଏନ): ଦାୟିତ୍ୱ ହେଉଛି ଏକ ଆହ୍ୱାନ । ଖେଳୁଆଡ ମନୋଭାବ ନେଇ ଏହାର ସମ୍ମୁଖୀନ ହେବା ହେଉଛି ଏକ ଦାୟିତ୍ୱବାନ ଅଧିକାରୀଙ୍କ କର୍ତ୍ତବ୍ୟ । ସେଭଳି ଏକ ବ୍ୟକ୍ତିତ୍ୱର ଅଧିକାରୀ ହେଉଛନ୍ତି ବିଦାୟୀ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ । ନବରଙ୍ଗପୁର ସର୍କିଟ ହାଉସର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ଦ୍ୱାରା ବିଦାୟୀ ଅତିରିକ୍ତ ଜିଲ୍ଲାପାଳଙ୍କ ବିଦାୟ ସମ୍ବର୍ଦ୍ଧନା ସଭାରେ ଅଧକ୍ଷତା କରି ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ମତପୋଷଣ କରିଥିଲେ। ଏହି ସଭାରେ ବିଦାୟୀ ଅଧିକାରୀ ଭାସ୍କର ରଇତଙ୍କ ସମେତ ଭାରପ୍ରାପ୍ତ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଡେପୁଟି କଲେକ୍ଟର ନିର୍ମଳ କୁମାର ନାୟକ ତଥା ରାଜସ୍ୱ ଅମଲା ସଂଘ ର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ମଂଚାସୀନ ଥିଲେ । ଯେକୌଣସି କାର୍ଯ୍ୟ



କରିବା ପାଇଁ ଦୃଢ଼ ଇଛା ଶକ୍ତି ଥିଲେ ମଣିଷ କୁ ସଫଳତାର ରାସ୍ତା ଆପେ ଆପେ ଦେଖାଯାଏ ବୋଲି ଶ୍ରୀ ବାଲାଜୀ ମତ ପ୍ରକାଶ କରିଥିଲେ । ସହକାରୀ ଜିଲ୍ଲାପାଳ ଆଶୁତୋଷ ପାତ୍ର, ଜିଲ୍ଲା ଜରୁରୀ କାଳୀନ ବିଭାଗ ର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ବରିଷ୍ଠ ରାଜସ୍ୱ ସହାୟକ ବିଜୟ କୁମାର ସାହୁ, ଜିତେନ୍ଦ୍ର ଚୌଧୁରୀ ପ୍ରମୁଖ ନିଜର ବକ୍ତବ୍ୟରେ ଶ୍ରୀ ରଇତଙ୍କ ପ୍ରଶାସନିକ ଦକ୍ଷତା ଏବଂ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସଭାର ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ସୁବ୍ରତ ବେହେରା, ପି ମନସ୍ମିତା, ସ୍ନିଗ୍ଧା ରାଣୀ ପଳେଇ, ବିନୋଦ କୁମାର ନାୟକ, ସଞ୍ଜୟ କୁମାର ବାନାର୍ଜୀ, ବିନାୟକ ଖାଡଙ୍ଗା,ଅରୁଣ କୁମାର ବେହେରା, ରାମଚନ୍ଦ୍ର ରଘୁ ମଣ୍ଡଳ, ସୀତାରାମ ବେହେରା, ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ତିଖାଲି ଡ୍ୟାମରୁ ୨ ଟି ଗେଟରେ ଖୋଲାଗଲା ପ୍ରଥମ ବନ୍ୟାଜଳ

ନୂଆପଡ଼ା,(ପି.ଏନ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ତିଖାଲି ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପରୁ ପ୍ରଥମ ବନ୍ୟା ଜଳ ବୁଧବାର ନିଷ୍କାସନ କରାଯାଇଛି। ଡ୍ୟାମର ଦୁଇ ଗୋଟି ଗେଟ ଖୋଲା ଯାଇଛି। ଡ୍ୟାମରେ ୩୦୦ କ୍ୟୁବିକ ମିଟର ଜଳ ପ୍ରବେଶ ହେଉଥିବା ବେଳେ ଦୁଇ ଗୋଟି ଗେଟ୍ ସାହାର୍ଯ୍ୟରେ ୨୫୦ କ୍ୟୁବିକ ମିଟର ଜଳ ଛଡା ଯାଉଥିବା ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଯୁଗଳ କିଶୋର ଖଟୁଆ ପ୍ରକାଶ କରିଛନ୍ତି। ଡ୍ୟାମର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଡ୍ୟାମରେ ଜଳ ସ୍ତର ବୃଦ୍ଧି ପାଇଛି।

# ଗଛପଡ଼ି ଭାଙ୍ଗିଲା ଘର,ସହାୟତା ଦାବୀ

କୋରାଇ, (ପି.ଏନ): ରାଜ୍ୟରେ ଜାରି ରହିଥିବା ଲଗାଣ ବର୍ଷା ଓ ପବନ କାରଣରୁ ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହେବା ସହ ଆଜି କୋରାଇ ବ୍ଲକ ପାଣିକୋଇଲି ପଂଚାୟତର ଖଜୁରୀପୁର ଗ୍ରାମର ହରିଜନ ସାହିର ଦୈତାରୀ ମଲିକଙ୍କ ଘର ଉପରେ କାଲି ରାତି ତିନିଟା ସମୟରେ ଏକ ବଡ଼ ଅଶ୍ୱଥ ଗଛ ପଡ଼ି ତାଙ୍କର ଦୁଇ ବଖରା ଚାଳ ଘରଟି ସଂପୂର୍ଣ୍ଣ ରୂପେ ଭାଙ୍ଗି ଯାଇଛି । ଯାଜପୁର ରୋଡ଼ ଓ ବୈତରଣୀ ରୋଡ଼ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି କଟର ସାହାଯ୍ୟରେ ଗଛଟିକୁ କାଟିଥିଲେ। ଖବର ପାଇ ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା, ନାଏବ ସରପଂଚ ଦେବେନ୍ଦ୍ର କୁମାର ସ୍ୱାଇଁ, ପାଣିକୋଇଲି ରାଜସ୍ୱ ନିରୀକ୍ଷକ କିଶୋର ମଲ୍ଲିକ, ଲୋକନାଥ ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଂଚି ତାଙ୍କୁ ପାଲ ପ୍ରଦାନ କରିଥିଲେ। ଦୈତାରୀ ନିହାତି ଗରୀବ ଶ୍ରେଣୀୟ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ଲାଗି ନିବେଦନ କରିଛନ୍ତି। ଏହି ପରି ବିଭିନ୍ନସ୍ଥାନରେ ଗଛ ଉପୁଡି ପଡିଛି । ଫଳରେ ରାସ୍ତା ମଧ ବନ୍ଦ ରହିଛି। ବର୍ଷା ଯୋଗୁ ବଜାରଘାଟ ଶୂନଶାନ ରହିଛି । ଘରୁ ବାହାରି ପାରୁନାହାନ୍ତି ଲୋକେ । ଏଭଳି ବର୍ଷା ଲାଗିରହିଲେ ସାଧାରଣରେ ହନ୍ତସନ୍ତ ହେବା ସାରହେବ ।

# ଯାତ୍ରୀ ନିବାସ ନବୀକରଣ, ୫୦ ଲକ୍ଷ ଖର୍ଚ୍ଚ ପରେ ବି ଛାତରୁ ଗଳୁଛି ପାଣି

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ସଦର ମହକୁମା ଅଦାଲତ ନିକଟରେ ଥିବା ପୌରସଂସ୍ଥାର ଯାତ୍ରୀ ନିବାସର ନବୀକରଣ କାର୍ଯ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ କରାଯାଇ ଥିବା ବେଳେ ଏହା ବ୍ୟବହାର ଉପଯୋଗୀ ହୋଇପାରି ନାହିଁ । ଏଠାରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ହେବାପାଇଁ ପ୍ରଶାସନ ନିଷ୍ପତି ନେଇଥିବାରୁ ଏହାର ମେଜିଆ, କାନ୍ଥ, ଝରକା, କବାଟ, ଗ୍ରୀଲ, ବିଦ୍ୟୁତିକରଣ, ଶୌଚାଳୟ, ପରିସର ଫେବର ବ୍ଲକ, ମୁଖ୍ୟ ଫାଟକ ଗେଟ୍ ପ୍ରଭୃତି ଆବଶ୍ୟକୀୟ ମରାମତି ସହ କେତେକ ସ୍ଥାନରେ ନୂତନ ଭାବେ କରାଯାଇଛି । ମାତ୍ର ଦୁଇ ଚାରି ଅସରା ବର୍ଷା ହେବାରୁ ଏହାର ପ୍ରତ୍ୟେକ କୋଠରୀର ଛାତରୁ ପାଣି ବୋହୁଥିବା ଦେଖିବାକୁ ମିଳିଛି । କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିବାରୁ ଏହାର ଅବସ୍ଥା ଦେଖିବା ପାଇଁ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା ଯାତ୍ରୀ ନିବାସକୁ ଯାଇଥିଲେ । ମାତ୍ର ସେଠାରେ ଛାତରୁ ପାଣି ବୋହୁଥିବା ଦେଖି କାର୍ଯ୍ୟାଳୟ କିପରି ଏଠାରେ ଚାଲିବ ଏନେଇ ସମସ୍ୟା ସୃଷ୍ଟି ହୋଇଛି । ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବାପରେ ମଧ ଯାତ୍ରୀ ନିବାସ ଟି କୌଣସି କାମରେ ଆସିପାରିବ ନାହିଁ ବୋଲି ଆଶଙ୍କା ସୃଷ୍ଟି ହୋଇଛି ।

# ରାଜ୍ୟ ପ୍ରଶାସନିକ ଚୟନ ପରୀକ୍ଷା ୮୮ ତମ ସ୍ଥାନରେ ଋତୁପର୍ଣ୍ଣା ମିଶ୍ର ବଲାଙ୍ଗିର ପାଇଁ ଗୌରବ

ବଲାଙ୍ଗିର ,(ପି.ଏନ) : ଓଡ଼ିଶା ରାଜ୍ୟ ପ୍ରଶାସନିକ ସେବା ନିମିତ୍ତ ଚୟନ ପ୍ରବେଶିକା ପରୀକ୍ଷାର ଫଳ ପ୍ରକାଶିତ ହୋଇଛି । ଏହି ପରୀକ୍ଷାରେ ବଲାଙ୍ଗିର ସହର ରାଧାରାଣୀପଡ଼ାର କୁମାରୀ ଋତୁପର୍ଣ୍ଣା ମିଶ୍ର (ଫିଲି) ୮୮ତମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇ ପରିବାର ତଥା ବଲାଙ୍ଗିର ବାସୀଙ୍କୁ ଆନନ୍ଦ ଓ ଗୌରବ ଆଣି ଦେଇଛନ୍ତି । ଋତୁପର୍ଣ୍ଣା, ସ୍ମରଣ ଶଙ୍କର ମିଶ୍ର ଓ ଲୋପାମୁଦ୍ରା ମିଶ୍ରଙ୍କ ଝିଅ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ରାଧାମୋହନ ମିଶ୍ର ତଥା ଅଜା ତଥା ରାଜା ସୁନାଖଲାର ପୂର୍ବତନ ବିଧାୟକ ସ୍ୱର୍ଗତ ସୁରେନ୍ଦ୍ରନାଥ ମିଶ୍ରଙ୍କ ନାତୁଣୀ । ତାଙ୍କର ପ୍ରାରମ୍ଭିକ ଅଧ୍ୟାପନା କୋରାପୁଟ, ନବରଙ୍ଗପୁରରେ ସମ୍ପନ୍ନ ପରେ ଏନ୍ ଆଇ ଟି ରାଉରକେଲାରୁ ରସାୟନ ବିଜ୍ଞାନରେ ମାଷ୍ଟର ଡ଼ିଗ୍ରୀ ହାସଲ କରିଥିଲେ । ସମାଜସେବା ପ୍ରତି ତାଙ୍କର ଆଗ୍ରହ ଯୋଗୁଁ ସେ ନାମୀ ଦାମୀ ସଂସ୍ଥାର ଚାକିରି ସୁଯୋଗକୁ ପରିତ୍ୟାଗ କରି ଦୁଇ ବର୍ଷ କାଳ ଦିଲ୍ଲୀ ସହରରେ ଟିଚ ଫର ଇଣ୍ଡିଆ ପ୍ରୋଜେକ୍ଟ ରେ ଯୋଗଦାନ କରି ଗରିବ ବସ୍ତି ପିଲାଙ୍କୁ ଶିକ୍ଷାଦାନ କରିବାକୁ ଆପଣେଇ ନେଇଥିଲେ । ଆଜି ତାଙ୍କର କୃତିତ୍ୱ ପାଇଁ ପରିବାର, ବନ୍ଧୁବର୍ଗ ତଥା ବଲାଙ୍ଗିରବାସୀଙ୍କ ମନରେ ଆନନ୍ଦ ଖେଳି ଯାଇଛି । ସେ ତାଙ୍କର ସଫଳତା ପାଇଁ ତାଙ୍କ ବାପା, ମା, ଶିକ୍ଷକ, ଶିକ୍ଷୟିତ୍ରୀ, ପରିବାରର ଗୁରୁଜନଙ୍କ ଆଶୀର୍ବାଦକୁ ଶ୍ରେୟ ଦେଇଛନ୍ତି ।

## ବିନିକା ଅଂଚଳରେ ବନ୍ୟା ପରିସ୍ଥିତି, ଚୌକିଜୋର ର ଉଛୁଳା ପାଣି ମାଡି ବ୍ୟାପକ କ୍ଷୟକ୍ଷତି

ସୁବର୍ଣ୍ଣପୁର, (ପି.ଏନ): ଗତକାଲି ଅପରାହ୍ନ ଠାରୁ ଅନବରତ ବର୍ଷା ଲାଗି ରହିଥିବାରୁ ବିନିକା ସହର ସମେତ ବ୍ଲକ ଅଂଚଳର ବିଭିନ୍ନ ସ୍ଥାନରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଯେଉଁ ଆଡେ ଦେଖିବ କେବଳ ପାଣିର ଭ୍ରମ । କେଉଁଠି ପାଣିର ବେଗ ଦୃତ ଗତିରେ ଆଗକୁ ବଢୁଛି ତ ଆଉ କେଉଁଠି ଭରପୁର ପାଣି ଜମି ରହିଛି । ସହରରେ ଡ୍ରେନେଜ ବ୍ୟବସ୍ଥା ଠିକ ନଥିବାରୁ ବର୍ଷା ପାଣି ଲହଡ଼ା ମାରି ଏଣେ ତେଣେ ଯାଉଥିବା ଦେଖିବାକୁ ମିଳୁଛି ।ପାଣିରେ ସମସ୍ତେ ଯିବା ଆସିବା କରୁଛନ୍ତି ।ପାଣି ନିଷ୍କାସନ ହୋଇନପାରି ବିଭିନ୍ନ ଘର ଦ୍ୱାରା ଏପରିକି ବିଭିନ୍ନ ଶିକ୍ଷା ନୁଷ୍ଠାନ,ସରକାରୀ ବେସରକାରୀ କାର୍ଯ୍ୟାଳୟ,ରାସ୍ତା ଘାଟ ଆଦି ସ୍ଥାନମାନଙ୍କରେ ପାଣି ଜମି ରହିଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି ।ପ୍ରବଳ ବର୍ଷା ଯୋଗୁଁ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ବର୍ଷା ସାଂଗକୁ ଚୌକିଜୋରରେ ନିମିଷକ ମଧ୍ୟରେ ଅତାଳତାଳ ପାଣି ପ୍ରବାହିତ ହୋଇ ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇପଡିଛି ।ପ୍ରସିଦ୍ଧ ଶୈବପୀଠ ଚରଦାକୁ ଯାଇଥିବା ରାସ୍ତାରେ ଥିବା ଚୌକିବ୍ରିଜ ଉପରେ ୪ରୁ୫ଫୁଟ ପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି ।ସେହିପରି ଉଲ୍ଲେ ଛକ ଠାରୁ ଚରଦା ରାସ୍ତା ପାର୍ଶ୍ୱରେ ରହୁଥିବା ଚୌକି କୋଲପଡ଼ା କୁ ଚୌକିଜୋର ପାଣି ମାଡ଼ି ଯିବାରୁ ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି ।ଚୌକି କୋଲପଡାର ଅନେକ ଲୋକଙ୍କ ମାଟି ଘର ଭାଙ୍ଗିଯିବା ସହିତ ବହୁ ଆସବାପତ୍ର ନଷ୍ଟ ହୋଇଛି । ଖବର ପାଇ ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇ, କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ସମେତ ଷ୍ଟାଫ,ଅଗ୍ନିଶମ କର୍ମଚାରୀ,ପୁଲିସ ପ୍ରଶାସନ ଘଟଣା ସ୍ଥଳରେ ପହଂଚି ବନ୍ୟା ପାଣିରେ ପ୍ରବାହିତ ୨୦ପରିବାରକୁ ସ୍ଥାନୀୟ ସିଦ୍ଧାର୍ଥ କଲେଜ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରି ଚୁଡ଼ା,ଗୁଡ଼, କଦଳୀ ଖାଇବାକୁ ଦିଆଯାଇଛି ।

# ଲଗାଣ ବର୍ଷାରେ ବେହାଲ ସୁବର୍ଣ୍ଣପୁର ଜିଲ୍ଲା; ସୋନପୁର ସହର ସାରା କୃତ୍ରିମ ବନ୍ୟା ପରିସ୍ଥିତି

ସୁବର୍ଣ୍ଣପୁର, (ପି.ଏନ): ଚତୁଃପାର୍ଶ୍ୱ ନଦୀ ପରିବେଷ୍ଟିତ ସୁବର୍ଣ୍ଣପୁରରେ ଆଜି କୃତ୍ରିମ ବନ୍ୟାରେ ସାରା ସହର ଉବୁଟୁବୁ ଅବସ୍ଥାରେ ରହିଛି । ପ୍ରବଳ ବର୍ଷା ଯୋଗୁଁ ମହାନଦୀ ଓ ତେଲନଦୀର ଜଳସ୍ତର ବଢ଼ିବାରେ ଲାଗିଛି । ଜିଲ୍ଲା ର ସମସ୍ତ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବୀରମହାରାଜପୁର ବ୍ଲକ୍, ବିନିକା ବ୍ଲକ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି । ବୀରମହାରାଜପୁର ବ୍ଲକ ର ଘୁଙ୍ଗିନାଳ ଉପରେ, ହରିହର ଯୋର ର ପାଣି ଆସି ବୀରମହାରାଜପୁର - ମୂର୍ଶୁଣ୍ଡି ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ବୀରମହାରାଜପୁରରୁ ରେଢାଖୋଲ ରାସ୍ତା ବାଉରି ଯୋରରେ ପାଣି ଚାଲୁଥିବାରୁ ଯାତାୟାତ ଠପ୍ ହୋଇଯାଇଛି କ୍ଷ ସେପଟେ ବିନିକା ଏନ.ଏ.ସି ୱାର୍ଡ ନମ୍ବର ୧୦ ରେ ପାଣି ପଶି କୈରାପାଲୀ ଗ୍ରାମ ବାସି ବିଶେଷ ଭାବରେ ପ୍ରଭାବିତ ହେବା ସହ ବିଭିନ୍ନ ରାସ୍ତାରେ ପାଣି ଚାଲୁଥିବାରୁ ଯୋଗାଯୋଗ ମାନ ବିଚ୍ଛିନ୍ନ ହୋଇଥିବା ଜଣାପଡିଛି । ସୋନପୁର ବ୍ଲକ ବୈଦ୍ୟନାଥ ଗାଁ ରେ ମଧ ଆଜି ତେଲ ନଦୀ ବନ୍ୟା ପାଣି ପଶି ଲୋକଙ୍କ ଅନେକ ଘର ଦ୍ୱାର ଧନ ସମ୍ପତି କ୍ଷତି ହୋଇଛି । ସୁବର୍ଣ୍ଣପୁର ସହରରେ ପୌର ପ୍ରଶାସନ ର ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବାରୁ ସହର ର ଆମ୍ବେଦକର ଛକରୁ ବ୍ଲକ୍ ଛକ ଯିବା ମୁଖ୍ୟ ରାସ୍ତା ଉପରେ ପାଣି ଲହଡ଼ି ମାରୁଛି । ୱାର୍ଡ ନମ୍ବର ୧ ସ୍ଥିତ ପ୍ରେସ କଲୋନୀ, ୨ ନଂ ୱାର୍ଡର ଗୋକର୍ଣ୍ଣେଶ୍ୱର୍ ପଡା, ମହାବୀର କଲୋନି, ମାଣିକେଶ୍ୱରୀ ପ୍ଲଟ ଯିବା ରାସ୍ତାରେ ପାଣି ସହ ସହର ର ତଳି ଅଂଚଳ କୁହା ଯାଉଥିବା କୁମ୍ଭାର ପଡାରେ କେତେକ ମାଟି ଘର ଭାଙ୍ଗିଗଲାଣି । ଗୋଟିଏ ପଟରେ ବଢୁଥିବା ମହାନଦୀ ଓ ତେଲାନଦୀ ର ବିକଟାଳ ରୂପ ଅନ୍ୟପଟେ ପ୍ରବଳ ବର୍ଷା ଯୋଗୁଁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ସହର ତଳି ଅଂଚଳରେ ବର୍ଷା ପାଣି ଅନେକ ଘର ଭିତରକୁ ପଶିଆସିଛି । ସହରର ଡ୍ରେନେଜ ବ୍ୟବସ୍ଥା କୁ ସୁଧାରିବା ନିମନ୍ତେ ଯଥେଷ୍ଟ ପୂର୍ବରୁ ସ୍ଥାନୀୟ ପୌରପ୍ରଶାସନକୁ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ସୂଚନା ଦେଇଥିଲେ ହେଁ ପୌର କର୍ତ୍ତୃପକ୍ଷଙ୍କ ଖାମଖିଆଲି ଆଚରଣ କୁ ହିଁ ଆଜିର ଏହି ପରିସ୍ଥିତି ପାଇଁ ମୁଖ୍ୟତଃ ଦାୟୀ କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ କ୍ଷ ଆଜି ଜିଲ୍ଲାର ବିଭିନ୍ନ ଅଂଚଳ ଓ ସହରର ତଳିଆ ଅଞ୍ଚଳ କୁମ୍ଭାର ପଡା ସମେତ ବିଭିନ୍ନ ଅଂଚଳକୁ ଉପ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ପରିଦର୍ଶନ କରି କ୍ଷୟ କ୍ଷତିକୁ ଅନୁଧ୍ୟାନ କରିଛନ୍ତି । ଏବଂ ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷ ରୁ ରିଲିଫ ଓ ଥଇଥାନ ପାଇଁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ କରିଛନ୍ତି।

# ବଲାଙ୍ଗିରରେ ଦୁଇ ଦିନ ହେଲା ଲଗାଣ ବର୍ଷା ଆଜି ଛୁଟି ଘୋଷଣା ହେଲା

ବଲାଙ୍ଗିର ,(ପି.ଏନ୍): ବଲାଙ୍ଗିର ଜିଲ୍ଲାରେ ଦୁଇଦିନ ହେଲା ଲଗାଣ ବର୍ଷା ଲାଗି ରହିଛି । ପାଣି ପାଗ ର ପୂର୍ବାନୁମାନ ରେ ରାଜ୍ୟ ରାଜସ୍ୱ କମିଶନର ଲାଲ ଅଂଚଳ ରୂପେ ଘୋଷଣା ପରେ ଆଜି ଦିନକୁ ବଲାଙ୍ଗିର ଜିଲ୍ଲାପାଳ ସରକାରୀ ବେସରକାରୀ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ମାନଙ୍କ ପାଇଁ ଛୁଟି ଘୋଷଣା କରିଛନ୍ତି ।ଏହି ଅଂଚଳ ରେ ଅଗଷ୍ଟ ପହିଲା ଦିନ ଠାରୁ ବର୍ଷା ଲାଗି ରହିଛି ଫଳରେ ନାହିଁ ନଥିବା ଅସୁବିଧା ଦେଖା ଯାଇଛି । ରାତି ତମାମ ବର୍ଷା ଲାଗି ରହିଥିଲା ବେଳେ ତଳି ଅଂଚଳ ଜଳ ମଗ୍ନ ହୋଇଛି ।ବଲାଙ୍ଗିର ସହର ଶାନ୍ତିପଡ଼ାର ପଂଜାବୀ ଗଳି ଦେଇ ଖର୍ସେଲ୍ପଡ଼ାକୁ ଯାଇଥିବା ରାସ୍ତାର ଅବସ୍ଥା ୩ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି । ଖର୍ସେଲ୍ ଡଙ୍ଗର ତଳୁ ବୋହି ଆସୁଥିବା ପାଣି ଏବେ କାଳ ସାଜିଛି ଏହି ଅଂଚଳବାସୀଙ୍କ ପାଇଁ । ଆଗରେ ରହିଥିବା ପୋଲ ସଂକୁଚିତ ହୋଇଯିବା ଫଳରେ ବର୍ଷା ପାଣି ତଳମୁଣ୍ଡକୁ ଯାଇ ପାରୁନଥିବା ବେଳେ ଏଠାରେ ଏବେ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଛି । ଏଠାରେ ଥିବା ବାସଗୃହ ଭିତରେ ମଧ ଆଂଠୁଏ ଲେଖାଏ ପାଣି । ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଂଚଳବାସୀ । ଅନେକ ସ୍ଥାନରେ ରାସ୍ତା ଉପରେ ଜଳ ପ୍ରଭାବିତ ହେଉଥିବାରୁ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଜିଲ୍ଲା ପ୍ରଶାସନ ମୁନ୍ସିପଲ୍ଟି ଉଦ୍ଧାରକାରୀ ଦଳ ଲାଗି ଥିବା ବେଳେ ଜିଲ୍ଲାପାଳ ଓ ନଗରପାଳ ନିଜେ ଅନେକ ସ୍ଥାନରେ ଲୋକଙ୍କ ପାଖରେ ସାହାଯ୍ୟ ପହଂଚେଇବାର ଉଦ୍ୟମ କରୁଥିବା ଦେଖା ଯାଉଛି ।



ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Thursday August 03, 2023 ଭୁବନେଶ୍ୱର ଗୁରୁବାର, ଅଗଷ୍ଟ ୦୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଭାରତ ରତ୍ନ ଜେଆର୍‌ଡି ଟାଟାଙ୍କ ୧୧୯ତମ ଜୟନ୍ତୀ ପାଳିତ



ଦାନଗଦି,(ପି ଏନ୍): ଟାଟା ଷ୍ଟିଲ୍ କଳିଙ୍ଗ ନଗର ପକ୍ଷରୁ ଭାରତ ରତ୍ନ ଜେଆର୍‌ଡି ଟାଟାଙ୍କ ୧୧୯ ତମ ଜୟନ୍ତୀକୁ ହର୍ଷ ?ଲ୍ଲାସର ସହିତ ଯାଜପୁର ଜିଲ୍ଲାର ଡୁବୁରି ସ୍ଥିତ କଳିଙ୍ଗ ନଗର କାରଖାନାରେ ଶନିବାର ପାଳନ କରାଯାଇଛି । ଆଜି ବ୍ରାହ୍ମଣୀପାଳ ହାଉସିଂ କମ୍ପ୍ଲେକ୍ସରୁ ଟାଟା ଷ୍ଟିଲ୍ କଳିଙ୍ଗନଗର ରନ୍ ?-ଏ-ଅନ୍ ?ର ସପ୍ତମ ସଂସ୍କରଣ ସହ ଜେଆର୍‌ଡି ଟାଟାଙ୍କ ଜୟନ୍ତୀ ପାଳନ ଉତ୍ସବ ଆରମ୍ଭ ହୋଇଥିଲା ଯେଉଁଥିରେ ୫ କିମି ଓ ୨ କିମି ଦୌଡ଼ ସାମିଲ ଥିଲା ଓ ସେଥିରେ ଟାଟା ଷ୍ଟିଲ୍ କଳିଙ୍ଗନଗର, ନୀଳାଚଳ ଇସ୍ପାତ ନିଗମ, ସିଆଇଏସ୍‌ଏଫ, କଳିଙ୍ଗନଗର ଓ ବ୍ରାହ୍ମଣୀପାଳ ଫେରୋ ଆଲଏଜ୍ ପ୍ଲାଣ୍ଟ ର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଏହି ଦୌଡ଼ ଆରମ୍ଭ ହେବା ପୂର୍ବରୁ ଭାରତ ରତ୍ନ ଜେଆର୍‌ଡି ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।ଟିଏସ୍ କାରଖାନା ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏହି ମହାନ ଦୂରଦ୍ରଷ୍ଟାଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଏଥି ସହିତ ପରିବେଶ ବିଭାଗ ପକ୍ଷରୁ କାରଖାନା ପରିସରରେ ଏକ ବୃକ୍ଷରୋପଣ ଅଭିଯାନ ଆୟୋଜନ କରାଯାଇଥିଲା ଯେଉଁଥିରେ କର୍ମଚାରୀଓ ଠିକା ଶ୍ରମିକମାନେ ୫୦୦ରୁ ଅଧିକ ଚାରାରୋପଣ କରିଥିଲେ । ଜୟନ୍ତୀ ଉତ୍ସବ ପାଳନର ଅଂଶ ସ୍ୱରୂପ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଓଡ଼ିଶା ରକ୍ତ କେନ୍ଦ୍ର ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଇଞ୍ଜିନିୟରିଂ ଓ ପ୍ରୋଜେକ୍ଟ ଟିମ୍ ପକ୍ଷରୁ କାରଖାନା ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା, ଯେଉଁଥିରେ କର୍ମଚାରୀ, ଭେଣ୍ଡର ପାର୍ଟନର ଓ ଠିକା ଶ୍ରମିକମାନେ ସ୍ବେଚ୍ଛାକୃତ ଭାବେ ୧୧୦ ୟୁନିଟ୍ ରକ୍ତ ଦାନ କରିଥିଲେ । ଏଥି ସହିତ କଳିଙ୍ଗନଗରରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

## ବ୍ରହ୍ମଗିରି :ବ୍ରିଜ ଦାବୀ ନେଇ ରାସ୍ତାରୋକ

ବ୍ରହ୍ମଗିରି, (ପି.ଏନ), ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ ତିନିକୁଦି ବାଲିକେରା ଠାରେ ଭାର୍ଗବୀ ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ ଦାବିରେ ତିନୋଟି ଗ୍ରାମ ପଂଚାୟତ ର ଶତାଧିକ ଲୋକ ଓ ଛାତ୍ର ଛାତ୍ରୀ ମାନେ ପୁରୀ ସାତପଡ଼ା ଜାତୀୟ ରାଜପଥ ର ରେଣ୍ଟା ଛକ ଠାରେ ରାଜପଥ କୁ ଅବରୋଧ କରିଛନ୍ତି। ଫଳରେ ଗାଡ଼ି ମୋଟର ଉଭୟ ପଟେ ଅଟକି ରହିଛି । ଝିପ୍ ଝିପ୍ ବର୍ଷା ସତ୍ତ୍ୱେ ଆନ୍ଦୋଳନକାରୀମାନେ ରାସ୍ତା ଉପରେ ବସି ରହିଛନ୍ତି। ଘଟଣା ସ୍ଥଳରେ ସଦର ଏସ ଡି ପିଓ ପହଂଚି ଆନ୍ଦୋଳନ କାରି ଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ୨୦୧୪ ମସିହା ରୁ ଏହି ସ୍ଥାନରେ ଏକ ବିଜୁ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଦୁଇଟି ଖୁଣ୍ଟ ରେ ଦଶ ବର୍ଷ ଧରି ଅଟକି ରହିଛି।

## ଡେପୁଟି କଲେକ୍ଟର ଙ୍କୁ ବିଦାୟ ସମ୍ବର୍ଦ୍ଧନା



ପୁରୀ,(ପି.ଏନ): ଜିଲ୍ଲା ଜରୁରୀ ବିଭାଗର ଡେପୁଟି କଲେକ୍ଟର ଭାବେ ଆବସ୍ଥାପିତ ଥିବା ଜିତେନ୍ଦ୍ର କୁମାର ପାତ୍ର ଙ୍କ ର ଆଠମଲ୍ଲିକ ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି।ଶ୍ରୀ ପାତ୍ର ଙ୍କୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।ଏହି ଉପଲକ୍ଷେ ସର୍କଟ ହାଉସ ଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।ଶ୍ରୀ ପାତ୍ର ଜରୁରୀ ବିଭାଗ ସହ ଜିଲ୍ଲା ରେଡକ୍ରସର ସମ୍ପାଦକ ଭାବେ ଓ ଅନ୍ୟାନ୍ୟ ବିଭାଗରେ ମଧ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ।ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ ଶରତ ଚନ୍ଦ୍ର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ,ଡେପୁଟି କଲେକ୍ଟର ସୁମନ୍ତ କୁମାର କର,ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା,ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ,ଡେପୁଟି କଲେକ୍ଟର ଆଦ୍ୟାଶା ରଥ,ପୁରୀ ତହସିଲଦାର କ୍ଷୀରୋଦ କୁମାର ବେହେରା,ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଜରୁରୀ ବିଭାଗ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲାସଂସ୍କୃତି ଅଧିକାରୀ ହେମନ୍ତ ବେହେରା,ଜରୁରୀ ବିଭାଗ ଡିପିଓ ସୁକାନ୍ତ କୁମାର ଦାଶ,ଡି ସି ଜ୍ୟୋତିର୍ମୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଡିଏଭି ପୋଖରୀପୁଟରେ ଛାତ୍ର ପ୍ରତିନିଧିଙ୍କ ଶପଥ ପାଠୋତ୍ସବ

ଭୁବନେଶ୍ୱର ,(ପି.ଏନ): ଡିଏଭି ପୋଖରୀପୁଟରେ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥିରୂପେ ୬-ଓଡ଼ିଶା ବାଟାଲିଅନ୍ , ଏନ୍.ସି.ସି ପୁରୀର କମାଣ୍ଡିଙ୍ଗ୍ ଅଫିସର କଲୋନେଲ୍ ସୁଦୀପ୍ ସିହ୍ନା ଯୋଗଦାନ କରି ନିଜର ବକ୍ତବ୍ୟରେ 'ନେତୃତ୍ୱ, ପ୍ରତିନିଧିତ୍ୱ ହିଁ ସେବା ଓ ସମର୍ପଣ ଭାବନାର ପ୍ରତିଫଳନ' ବୋଲି କହିଥିଲେ । ପ୍ରାକୃତିକ ବିପର୍ଯ୍ୟୟ ତଥା ଜରୁରୀକାଳୀନ ପରିସ୍ଥିତିରେ ସମରଶିକ୍ଷାର୍ଥୀବାହିନୀଙ୍କ ପରି ସମାଜସେବାରେ ନିଜକୁ ନିୟୋଜିତ କରିପାରିଲେ ପ୍ରତିନିଧି ହେବାର ଗୌରବ ରକ୍ଷା ପାଇପାରିବ ବୋଲି ମଧ ସେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ୍ ଡକ୍ଟର ଅରୁଣ କୁମାର ରଥ ନିଜର ଅଭିଭାଷଣରେ ଆଦର୍ଶ ଶିକ୍ଷକ ହିଁ ଉପଯୁକ୍ତ ଛାତ୍ରପ୍ରତିନିଧିଙ୍କୁ ଚୟନ କରିପାରିବେ ଯେଉଁମାନେ କି ଭବିଷ୍ୟତରେ ସମାଜସେବକ ଭାବେ ନିଜକୁ ପରିଚିତ କରାଇ ବିଦ୍ୟାଳୟ ତଥା ଜନ୍ମଭୂମିର ସୁନାମ ରକ୍ଷା କରିପାରିବେ ବୋଲି କହିଥିଲେ । ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବିପିନ କୁମାର ସାହୁ ଛାତ୍ର ପ୍ରତିନିଧିମାନଙ୍କୁ ପଦ ଓ ଦାୟିତ୍ୱବୋଧର ଶପଥପାଠ କରାଇଥିଲେ । ଏକାଦଶ ଶ୍ରେଣୀର ସିମ୍ରାବି', ଅବଧ ଶୁଭାନ୍ ଲିଡ଼ର ଏବଂ ହରିଓଁ ଗୁରୁପ୍ରସାଦ ନନ୍ଦ ଆସିଷ୍ଟାଣ୍ଟ ସ୍କୁଲ ଲିଡ଼ରରୂପେ ମନୋନୀତ ହୋଇଥିବା ବେଳେ ଭକ୍ତି, ସ୍ତୁତି, ଶ୍ଳୋକ ଏବଂ ମନ୍ତ୍ର ଚାରୋଟି ସଦନର ୧୨ ଜଣ ଛାତ୍ର ପ୍ରତିନିଧି ତଥା ୬ଟି କ୍ଲବ୍‌ର ଛଅ ଜଣ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ । ପୂର୍ବ ବର୍ଷ ମନ୍ତ୍ରସଦନର ପ୍ରତିନିଧିଗଣ ନାନାବିଧ ପ୍ରତିଯୋଗିତା ତଥା କାର୍ଯ୍ୟକଳାପ ପାଇଁ ଚମ୍ପିଆନ୍ ହେବାର ଗୌରବ ଲାଭ କରିଥିବା ବେଳେ ଭକ୍ତି ସଦନ ରନର୍ସଅପ୍ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ଫିଟ୍ ଇଣ୍ଡିଆ କୁଇଜ୍‌ରେ ସମଗ୍ର ରାଜ୍ୟରୁ ଏକମାତ୍ର ଦଳଭାବେ ସର୍ବଭାରତୀୟ ସ୍ତରକୁ ଉନ୍ନୀତ ହୋଇଥିବା ଡିଏଭି ପୋଖରୀପୁଟର ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡିଏଭି କଳିଙ୍ଗନଗରର ଚେୟାରମ୍ୟାନ୍ ମଦନ ମୋହନ ପଣ୍ଡା ଏଥିରେ ଉପସ୍ଥିତ କରି ନୂତନ କର୍ମକର୍ତ୍ତାଙ୍କୁ ଶୁଭାଶୀର୍ବାଦ ପ୍ରଦାନ ଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଝରଣା ମିଶ୍ର ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରହ୍ମଗିରି :ବ୍ରିଜ ଦାବୀ ନେଇ ରାସ୍ତାରୋକ

ବ୍ରହ୍ମଗିରି, (ପି.ଏନ), ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ ତିନିକୁଦି ବାଲିକେରା ଠାରେ ଭାର୍ଗବୀ ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ ଦାବିରେ ତିନୋଟି ଗ୍ରାମ ପଂଚାୟତ ର ଶତାଧିକ ଲୋକ ଓ ଛାତ୍ର ଛାତ୍ରୀ ମାନେ ପୁରୀ ସାତପଡ଼ା ଜାତୀୟ ରାଜପଥ ର ରେଣ୍ଟା ଛକ ଠାରେ ରାଜପଥ କୁ ଅବରୋଧ କରିଛନ୍ତି। ଫଳରେ ଗାଡ଼ି ମୋଟର ଉଭୟ ପଟେ ଅଟକି ରହିଛି । ଝିପ୍ ଝିପ୍ ବର୍ଷା ସତ୍ତ୍ୱେ ଆନ୍ଦୋଳନକାରୀମାନେ ରାସ୍ତା ଉପରେ ବସି ରହିଛନ୍ତି। ଘଟଣା ସ୍ଥଳରେ ସଦର ଏସ ଡି ପିଓ ପହଂଚି ଆନ୍ଦୋଳନ କାରି ଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ୨୦୧୪ ମସିହା ରୁ ଏହି ସ୍ଥାନରେ ଏକ ବିଜୁ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଦୁଇଟି ଖୁଣ୍ଟ ରେ ଦଶ

# ସରକାରୀ ପାଚେରୀ ଭାଙ୍ଗିଲେ ସ୍ଥାନୀୟ ଗ୍ରାମବାସୀ

ଭୁବନେଶ୍ୱର ,(ପି.ଏନ): ଚନ୍ଦକା, କଂଟାବାଡ଼, ଜାମୁଝରି, ମେଣ୍ଢାଶାଳ, ଗିରିଙ୍ଗାପୁଟ, ତମାଣ୍ଡୋ ଏବଂ ଛତାବର ଗ୍ରାମ ଗୁଡ଼ିକର ମଶାଣି, ଖେଳପଡ଼ିଆ, ମେଳଣ ପଡ଼ିଆ ଓ ଚାଷଜମିକୁ ଯିବା ରାସ୍ତା ଗୁଡ଼ିକୁ ସରକାର ଇଡକୋ ଜରିଆରେ ଜବରଦଖଲ କରି ପାଚେରୀ କରାଇଛନ୍ତି। ଏହାକୁ ବିରୋଧ କରି ଆଜି ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଛତାବର ଓ ଉପରୋକ୍ତ ଅଂଚଳର ଜନସାଧାରଣ ଏକତ୍ର ହୋଇ ଜେସିବି ଦ୍ୱାରା ଉକ୍ତ ପାଚେରୀକୁ ଭାଙ୍ଗିଥିଲେ। ସରକାର ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ମଶାଣି, ରାସ୍ତା, ମେଳଣ ପଡ଼ିଆ ଓ ଖେଳ ପଡ଼ିଆ ଇତ୍ୟାଦିକୁ ବାଦ ଦେଇ ଅନ୍ୟତ୍ର ଜମି ନେଲେ ଆମର କୌଣସି ଆପତି ନାହିଁ ବୋଲି ଶ୍ରୀ ରାଉତରାୟ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟ ସମୟରେ ଘଟଣା ସ୍ଥଳରେ ଏସଡିଓ, ତହସିଲଦାର,ଏସିପି, ଚନ୍ଦକା ଆଇଆଇସି, ଇନଫୋସିସ୍ ଭ୍ୟାଲି ଓ ଫୋର୍ସମାନେ ଉପସ୍ଥିତ ଥିଲେ। ସରକାର ଆପୋଷ ସମାଧାନ ହୋଇ ଜାଗା ପରିବର୍ତନ କରିବାପାଇଁ ସ୍ଥିର କରିଛନ୍ତି ବୋଲି ଶ୍ରୀ ରାଉତରାୟ ପ୍ରକାଶ କରିଛନ୍ତି।

# ସାମ୍ଭାବ୍ୟ ବନ୍ୟା ପାଇଁ ଛୁଟି ବାତିଲ କଲେ ଜିଲ୍ଲାପାଳ



ପୁରୀ,(ପି.ଏନ): ସମଗ୍ର ରାଜ୍ୟରେ ଗତ ଦୁଇ ତିନି ଧରି ଲଗାଣ ବର୍ଷା ଜାରି ରହିଥିବା ଯୋଗୁଁ ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।ଏସ ଆର ସି ଙ୍କ ସୂଚନା ଅନୁସାରେ ମହାନଦୀ ସିଷ୍ଟମ ରେ ବନ୍ୟା ର ଆଶଙ୍କା ଅଛି ଓ ତଳିଆ ଅଞ୍ଚଳରେ ପାଣି ଜମି ଯିବାର ସମ୍ଭାବନା ରହିଛି।ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସମର୍ଥ ବର୍ମା ଆଜି ପୂର୍ବାହ୍ନରେ ଓସ୍ୱା।ନ ସମ୍ମିଳନୀ କକ୍ଷରେ ଭିଡିଓ କନଫେରେନ୍ସ ମାଧମରେ ଏକ ଜରୁରୀ ବୈଠକ ନେଇଥିଲେ।ଏହି ବୈଠକରେ ସମସ୍ତ ଅତିରିକ୍ତ ଜିଲ୍ଲାପାଳ ଙ୍କ ସହ ଜିଲ୍ଲା ସ୍ତରୀୟ ଅଧିକାରୀ ବିଡ଼ିଓ, ତହସିଲଦାର ଓ ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଯୋଗ ଦେଇ ଥିଲେ।ବନ୍ୟା ପରିସ୍ଥିତି ପାଇଁ ଦାୟିତ୍ୱ ରେ ଥିବା କୌଣସି ଅଧିକାରୀ ବା କର୍ମଚାରୀ ଙ୍କ ଛୁଟି ବାତିଲ କରାଯାଇଛି।ନଦୀ ବନ୍ଧର ଦୁର୍ବଳ ସ୍ଥାନ ଚିହ୍ନଟ ସହ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବା, ଆବଶ୍ୟକତା ପାଇଁ ବାଲି ବସ୍ତା,ବହ୍ଲା ଇତ୍ୟାଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଯୁଦ ରଖିବା, ବିଭିନ୍ନ କାର୍ଯ୍ୟାଳୟ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲି ତଥ୍ୟ ପ୍ରଦାନ କରିବା, ବ୍ଲକ ସ୍ତରରେ ବିଡ଼ିଓ, ତହସିଲଦାର, ମେଡ଼ିକାଲ ଅଫିସର, ଆଇଆଇସି, ଅନ୍ୟାନ୍ୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନଙ୍କୁ ନେଇ ଯୁଗ୍ମ କମିଟି ମାଧମରେ ନିୟମିତ ପରିସ୍ଥିତି ର ଅନୁଧ୍ୟାନ କରି ପଦକ୍ଷେପ ନେବା,ଲୋକ ପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, ସ୍ୱେଚ୍ଛାସେବୀ ମାନଙ୍କ ସହଯୋଗ ନେବା, ବନ୍ୟା ବାତ୍ୟା ଆଶ୍ରୟ ସ୍ଥଳ ଗୁଡିକୁ ବାସ ଉପଯୋଗୀ କରି ବିଦ୍ୟୁତ, ପାନୀୟ ଜଳ ଇତ୍ୟାଦି ବ୍ୟବସ୍ଥା କରିବା, ଅତ୍ୟାବଶ୍ୟକ ଖାଦ୍ୟ ମହଯୁଦ ରଖିବା,ବିଭିନ୍ନ ଔଷଧ ବିଶେଷ କରି ଓ ଆର ଏସ ଓ ଆଣ୍ଟିଭେନମ ଅଧିକ ପରିମାଣରେ ଗଛିତ ରଖିବା, ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନି ଶମ ବାହିନୀ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ଶ୍ରୀ ବର୍ମା ନିର୍ଦ୍ଦେଶ ଦେଇଛନ୍ତି।ତତ ସହିତ କୌଣସି ଅବହେଳା କୁ ବରଦାସ୍ତ କରିଯିବ ନାହିଁ ବୋଲି ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ବିଗତ ବର୍ଷ ମାନଙ୍କ ର ବନ୍ୟା ସ୍ଥିତିର ଆଲୋକପାତ କରି ବିଶେଷ କ୍ଷତିଗ୍ରସ୍ତ ଆଶଙ୍କା ଥିବା ଅସ୍ତରଙ୍ଗ, କାକଟପୁର, ନିମାପଡା, ଗୋପ, ପିପିଲି,ଡେଲାଙ୍ଗ,କଣାସ, ସତ୍ୟବାଦୀ ଓ ପୁରୀ ସଦର ବ୍ଲକ ଗୁଡିକ ଅଧିକ ତତ୍ପରତା ଓ ଗୁରୁତ୍ୱର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମିଳିତ ଭାବେ ଟିମ ସ୍ପିରିଟ ରେ କାମ କରିବାକୁ ସେ ଅନୁରୋଧ କରିଥିଲେ। ଜିଲ୍ଲାରେ ୧୭୦ ଟି ଓସଡାମାର,୯ ଗୋଟି ରେଡକ୍ରସର ଓ ୩୭୦ ଗୋଟି ଅନ୍ୟାନ୍ୟ ଆଶ୍ରୟ ସ୍ଥଳ ରହିଛି।ସେହିପରି ୩୨ ଏସ ଆର ସି ବୋଟ ମହଯୁଦ ଅଛି।୨୬ ଜଣ ଲେଖାଏଁ ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଖଲାସୀ ରହିଛନ୍ତି ବୋଲି ଜିଲ୍ଲା ଜରୁରୀ ବିଭାଗ ସୂତ୍ରରୁ ପ୍ରକାଶ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ ଶରତ ଚନ୍ଦ୍ର ମହାପାତ୍ର, ସି ଡି ଏମ ଓ ଡା ସୁଜାତା ମିଶ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ,ଜିଲ୍ଲା ଜରୁରୀ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ,ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା,ଅନ୍ୟାନ୍ୟ ବିଭାଗର ଅଧିକାରୀ, ଲାଇନ ଡିପାର୍ଟମେଣ୍ଟର ଅଧିକାରୀ,ଜରୁରୀ ବିଭାଗର ଡିପିଓ ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray